## ମା'ଚର୍ଚ୍ଚିକାଙ୍କ ପୀଠ ଉନ୍ନତୀକରଣ ପାଇଁ ସମୀକ୍ଷା

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠର ଉନ୍ନତୀକରଣ କାର୍ଯ୍ୟ ପାଇଁ ଉପଜିଲାପାଳ ରଞ୍ଜନ ଜେନା ଗୁରୁବାର ପୀଠ ପରିଦର୍ଶନ କରିଛନ୍ତି। ମନ୍ଦିରର ଉପର ମଣ୍ଡପର କାଠ କାରୁକାର୍ଯ୍ୟ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗରୁ ମଞ୍ଜୁର ହୋଇଥିବା ୮୦ଲକ୍ଷ ଟଙ୍କାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜେନାଙ୍କ ଦୃଷ୍ଟି ଆକର୍ଷଣ ହୋଇଥିଲା। ଏଥିସହ ମଣ୍ଡପରେ ଥିବା ପାଣିଟାଙ୍କି କାର୍ଯ୍ୟକ୍ଷମ କରିବା, ମନ୍ଦିରର ଉନ୍ନତି ପାଇଁ ଡିଜିଟାଲ୍ ମ୍ୟାପ୍ ପ୍ରସ୍ତୁତ କରିବା, ଗାଡ଼ି ପାର୍କିଂ ବ୍ୟବସ୍ଥା ଏବଂ ସୁଲଭ ଶୌଚାଳୟ ସ୍ଥାପନ ନିମନ୍ତେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ବ୍ଲକ ଆଗରେ କଂଗ୍ରେସ, ଭାଜପାର ବିକ୍ଷୋଭ

ଆଠଗଡ଼/ ବାରଙ୍ଗ/ବାଲିଅନ୍ତା, ୮।୭(ସ୍ୱ.ପ୍ର./ଡି.ଏନ୍.ଏ.) ବିଭିନ୍ନ ଦାବି ନେଇ କଂଗ୍ରେସ ଓ ଭାଜପା ପକ୍ଷରୁ ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ଗୁରୁବାର ଧାରଣା ଦିଆଯାଇଛି। ତୈଳ ଦର ନିୟନ୍ତ୍ରଣ ଓ ଧାନର ବର୍ଦ୍ଧିତ ଏମ୍ଏସ୍‌ପି ପ୍ରଦାନ ଓ ରବିଋତୁରେ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ଜୁଲାଇ ୨୫ ପର୍ଯ୍ୟନ୍ତ ସମୟ ବଢ଼ାଇବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଏହାର ନେତୃତ୍ୱ ନେଇଥିଲେ। କଂଗ୍ରେସ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ଘଣ୍ଟ ବାଡ଼େଇ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପହଞ୍ଚି ବିକ୍ଷୋଭ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା। ଦଳ ପକ୍ଷରୁ ବ୍ରଜେନ୍ଦ୍ର ରାୟ ଏହାର ନେତୃତ୍ୱ ନେଇଥିଲେ। ବାରଙ୍ଗ ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗକରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରୀ ସଦସ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଛବି ମଲ୍ଲିକ, ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ଅଜୟ ସ୍ୱାଇଁ ଯୋଗଦେଇଥିଲେ। ସେହିଭଳି ଜୟଦେବ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ଏଥିରେ ସୁବାସ ଜେନା, ନରେନ୍ଦ୍ର ନାୟକ, ସାରଦା ଶତପଥୀ, ଶିବ ମଲ୍ଲିକ୍ ଓ ପ୍ରଶାନ୍ତ ଆଦିତ୍ୟ ସାମିଲ ହୋଇଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ ସଦସ୍ୟଙ୍କୁ ରିଲିଫ୍ ବଣ୍ଟନ

**କଟକ ଅଫିସ, ୮।୭:** ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଗୁରୁବାର ସମ୍ବାଦପତ୍ର ବିକ୍ରେତା ସଂଘର ସମସ୍ତ ସଦସ୍ୟଙ୍କୁ ରିଲିଫ୍ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସର ଉପସଭାପତି ମହମ୍ମଦ ଅଲ୍ଲିମ୍ ଓ ବାରବାଟୀ-କଟକ ଯୁବ କଂଗ୍ରେସ ବ୍ଲକ ସଭାପତି ସୁରଜିତ୍ ସାହୁ ଉପସ୍ଥିତ ଥିଲେ।

### ତ୍ରିନାଥପଲ୍ଲୀରେ ଟିକାକରଣ

**ଚୌଦ୍ୱାର,୮।୭(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ତ୍ରିନାଥ ପଲ୍ଲୀରେ କୋଭିଡ଼୍ ଟିକାଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୦ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଏଥିରେ ଅତିଥି ଭାବେ ଇମ୍ଫାର ଡିଜିଏମ୍ ଜି. ଶାରଦା ପ୍ରସାଦ ରାଓ, ଅନୁପମ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ଶିବିର ପରିଚାଳନା କରିଥିଲେ।

### କୃଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲରେ ରାଷ୍ଟ୍ରୋତ୍କର୍ଷ ଦିବସ

**କଟକ,୮।୭:** ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପରମପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ୭୯ତମ ପୁଣ୍ୟ ପ୍ରାକଟ୍ୟ ଦିବସ ଅବସରରେ କୃଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ ପରିସରରେ ରାଷ୍ଟ୍ରୋତ୍କର୍ଷ ଦିବସ ପାଳିତ ହୋଇଯାଇଛି। ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହର ଶୁଭାରମ୍ଭ କରିଥିଲେ। ସେହିଭଳି ରାଷ୍ଟ୍ର ଗଠନରେ ଆଜିର ଯୁବପିଢ଼ିର ଭୂମିକାକୁ ପ୍ରାଧାନ୍ୟ ଦେଇ ବିକାଶମୁଖୀ ଓ ସକାରାତ୍ମକ ମନୋଭାବ ନେଇ ଆଗେଇଯିବାକୁ ମିଶ୍ର ପ୍ରୋତ୍ସାହିତ କରିଥିଲେ। ସେହିପରି ଆଦିତ୍ୟ ବାହିନୀର ରାଜ୍ୟ ଶାଖାର ମହାସଚିବ ଶୁଭେନ୍ଦୁ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉନ୍ନତ ରାଷ୍ଟ୍ର ଗଠନରେ ଗୁରୁଜନଙ୍କର ମାର୍ଗଦର୍ଶନରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଆଦିତ୍ୟ ଓ ଆନନ୍ଦ ବାହିନୀ ଦ୍ୱାରା ଏହି ମହାସଭାର ପରିଚାଳନା ଓ ମାର୍ଗଦର୍ଶନ ସ୍କୁଲର ଛାତ୍ରୀଛାତ୍ର ତଥା ଆଧୁନିକ ସମାଜକୁ ଉନ୍ନତ ପଥେ ଆଗେଇ ନେଇଯିବା ସହ ପ୍ରେରଣା ଯୋଗାଇବ ବୋଲି ଡ. ପ୍ରଭୁଚରଣ ମହାନ୍ତି ତାଙ୍କ ଅଭିଭାଷଣରେ ବକ୍ତବ୍ୟ ରଖିଥିଲେ। ଆଦିତ୍ୟ ବାହିନୀର କ୍ଷେତ୍ରୀୟ ସମ୍ପାଦକ ଲିଙ୍ଗରାଜ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ରୋଟାରି କ୍ଲବ କଟକ ଶାଖାର ପ୍ରମୁଖ ସଦସ୍ୟମାନଙ୍କ ସହ ସ୍କୁଲ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସରକାରଙ୍କ କୋଭିଡ୍ କଟକଣା ଅନୁସାରେ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ଓ ଆନନ୍ଦ ବାହିନୀର ସଦସ୍ୟଗଣଙ୍କ ସହ ସ୍କୁଲର ନିର୍ଦ୍ଦେଶକ, ଅଧକ୍ଷ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରିଶେଷରେ ସ୍କୁଲର ଅଧକ୍ଷ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଇଲ୍ଡ ଲାଇନ୍‌ର ତଦନ୍ତ, ବାପାଙ୍କ ବିରୋଧରେ ଏତଲା

ଭୁବନେଶ୍ୱର,୮।୭(ବ୍ୟୁରୋ)

**୭ବର୍ଷର ଝିଅଙ୍କୁ ବାପା, ସାବତ ମା'ର ନିର୍ଯାତନା ଘଟଣା**





ପୂର୍ବରୁ | ଏବେ

■କାର୍ଯ୍ୟାନୁଷ୍ଠାନ ପାଇଁ ଡିସିପିଙ୍କୁ ନିର୍ଦ୍ଦେଶ

୭ ବର୍ଷର ଝିଅ ପ୍ରତି ବାପା ଓ ସାବତ ମା'ର ଅକଥନୀୟ ନିର୍ଯାତନା ଘଟଣାରେ ଚାଇଲ୍ଡ ଲାଇନ୍ ହସ୍ତକ୍ଷେପ କରିଛି। ଗୁରୁବାର ଚାଇଲ୍ଡ ଲାଇନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ଥିବା ପୀଡିତା ଶିଶୁ ଓ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରାଯାଇଥିଲା। ଏହା ଅତ୍ୟନ୍ତ ସ୍ପର୍ଶକାତର ଘଟଣା ହୋଇଥିବାରୁ ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଭୁବନେଶ୍ୱର ଡିସିପି, ଓଏସ୍‌ସିପିସିଆର, ଖୋର୍ଦ୍ଧା ସିଡବ୍ଲୁସି ଓ ଡିସିପିଓଙ୍କୁ ଲେଖାଯାଇଛି। ସେପଟେ ଚିକିତ୍ସିତ ହେଉଥିବା ଶିଶୁଟିର ଆବଶ୍ୟକ ଯତ୍ନ ନିଆଯାଉଛି ବୋଲି ଚାଇଲ୍ଡ ଲାଇନ୍ ଲେଖିଥିବା ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି। ଅନ୍ୟପକ୍ଷରେ ନିର୍ଯାତନା ଦେଇଥିବା ବାପା ବାଲିପାଟଣା ବାରହଳର ବିଲାଲ ଖାନ୍‌ଙ୍କ ବିରୋଧରେ ପୀଡିତା ଶିଶୁଙ୍କ ଅଜା ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ, ୨୦୧୩ରେ ବିଲାଲ ପିପିଲି ଅଞ୍ଚଳର ରିଜୱାନା ପରୱିନ୍‌ଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ମନୋମାଳିନ୍ୟ ହେବାରୁ ୨୦୨୦ରେ ସେମାନଙ୍କ ବିଚ୍ଛେଦ ହୋଇଥିଲା। ରାଜୱାନା ଜନ୍ମଦେଇଥିବା ଝିଅଟିକୁ ବିଲାଲ ନିଜ ପାଖରେ ରଖିଥିଲେ। ଏହାର କିଛିଦିନ ପରେ ବିଲାଲ ଅନ୍ୟଜଣଙ୍କୁ ବିବାହ କରିଥିଲେ। ତେବେ ସାବତ ମା' ଆସିବା ପରେ ଶିଶୁଟି ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ପ୍ରତିଦିନ ଶିଶୁଟିକୁ ଉଭୟ ବାପା ଓ ସାବତ ମା' ମାଡ଼ ମାରୁଥିଲେ। ଦିନରାତି ବାରଣ୍ଡାରେ ଏକ ଚେନ୍‌ରେ ବାନ୍ଧି ରଖୁଥିଲେ। କେତେବେଳେ ଶିଶୁଟିର କଅଁଳ ହାତ ଆଙ୍ଗୁଠିକୁ ଗରମ ପାଣିରେ ବୁଡ଼ାଉଥିଲେ ତ କେତେବେଳ ତାଙ୍କ ପେଟ ଉପରେ ଛିଡା ହୋଇଯାଉଥିଲେ। ଦୀର୍ଘ ବର୍ଷେରୁ ଅଧିକ ଦିନ ଧରି ତାଙ୍କୁ କେବଳ ଭାତ ଓ ଲୁଣ ଖାଇବାକୁ ଦେଉଥିଲେ। ଫଳରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଶିଶୁକନ୍ୟାଟି ରୋଗଣା ହୋଇପଡିବା ସହ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁବେଶ



@ ବିଶାଳ



@ ବିଶ୍ୱ



@ ରୁବି



@ ତପନ



@ ପ୍ରସାଦ

# ଡିଜିଟାଲ ପାଠପଢ଼ାରେ ବିଦ୍ୟୁତ୍, ନେଟ୍‌ୱର୍କ ଅନ୍ତରାୟ

ଭୁବନେଶ୍ୱର, ୮।୭ (ବ୍ୟୁରୋ)

**ବିକଳ୍ପ ଶିକ୍ଷା ପଦ୍ଧତି ଉପରେ ଅନ୍ତର୍ଜାତୀୟ ୱେବିନାର**

କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଅବ୍ୟାହତ ରଖିବା ଦିଗରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ବିକଳ୍ପ ଶିକ୍ଷା ଓ ମେଣ୍ଟରଶିପ୍ କାର୍ଯ୍ୟକ୍ରମ ଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବା କାରଣରୁ ପାଠପଢ଼ା ପାଇଁ ବିକଳ୍ପ ଶିକ୍ଷା ପଦ୍ଧତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ମୁଖ୍ୟତଃ ଡିଜିଟାଲ୍ ପ୍ଲାଟଫର୍ମରେ କାର୍ଯ୍ୟକାରୀ କରାଯାଉଥିବା ଏହି ବିକଳ୍ପ ଶିକ୍ଷା ପଦ୍ଧତି ସମସ୍ତଙ୍କ ପାଖରେ ପହଞ୍ଚିବା ଦିଗରେ ବିଦ୍ୟୁତ୍ ଓ ଫୋନ୍ ନେଟ୍‌ୱର୍କ ଅନ୍ତରାୟ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସହଯୋଗ ଓ ୟୁନିସେଫ ଓଡ଼ିଶାର ସହଭାଗିତାରେ କୋଭିଡ୍ ସମୟରେ ବିକଶିତ ହୋଇଥିବା ବିକଳ୍ପ ଶିକ୍ଷା ପଦ୍ଧତି ଉପରେ ଏକ ଦୁଇଦିନିଆ ୱେବିନାର ଗୁରୁବାର ଉଦ୍‌ଘାଟିତ ହୋଇଥିଲା। ବିକଳ୍ପ ଶିକ୍ଷା ଆଧାରରେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥରକ୍ଷା ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଅନ୍ୟ ୪ ଦେଶର ଅଂଶଗ୍ରହଣ କରିଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍, ପ୍ରଶାସକମାନେ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର, ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ନଭଲଜିତ କପୁର, ୟୁନିସେଫ୍‌ର ଶିକ୍ଷା ବିଭାଗ ମୁଖ୍ୟ ଡ. ଟେରୀଦୁର୍ନିୟାନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପଦେଷ୍ଟା ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଯୋଗଦେଇ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ଶ୍ୱେତା ମିଶ୍ର ପରିଚାଳନା କରିଥିଲେ।



**ସାମାଜିକ ଦୂରତା କଟକଣାକୁ ଫୁଃ:** ଭୁବନେଶ୍ୱର ବାପୁଜୀ ନଗରରେ ଗୁରୁବାର ଲୋକଙ୍କ ଗହଳି।

## ହଷ୍ଟନରେ ଓଡ଼ିଶା ସଂସ୍କୃତି କେନ୍ଦ୍ର, ଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ

ଭୁବନେଶ୍ୱର, ୮।୭ (ବ୍ୟୁରୋ)

ଓଡିଶା ସୋସାଇଟି ଅଫ ଆମେରିକା (ଓସା) ତରଫରୁ ୫୨ତମ ବାର୍ଷିକ ଅଧିବେଶନ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ହଷ୍ଟନରେ ଓଡ଼ିଶା ସଂସ୍କୃତି କେନ୍ଦ୍ର ଓ ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କରାଯାଥିଲା। ଓସା ସଭାପତି କୁକୁ ଦାସ, ସାମ୍ପ୍ରତିକ ସମୟରେ ଅନୁଷ୍ଠାନର ପଦକ୍ଷେପ, ଆମ ସମୃଦ୍ଧ ସଂସ୍କୃତିର ମହତ୍ତ୍ୱ ଏବଂ ଏହା କିପରି ଅଧିକ ପ୍ରଚାର ପ୍ରସାର କରିବା ଉଚିତ୍ ସେ ବିଷୟରେ କହିଥିଲେ। କୋଷାଧକ୍ଷ ଉତ୍କଳ ନାୟକ ଓ ଉପସଭାପତି ଅନିଲ ପଟ୍ଟନାୟକ ଚଳିତ ବର୍ଷର ଓସା ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିଥିଲେ। ହଷ୍ଟନରେ ବାସ କରୁଥିବା ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମଥର ପାଇଁ ଓସାର ବାର୍ଷିକ ଅଧିବେଶନର ସିଧା ପ୍ରସାରଣ ଅନ୍‌ଲାଇନ୍‌ରେ କରାଯାଇଥିଲା। ଓସା ଦକ୍ଷିଣ ପଶ୍ଚିମ ଚାପ୍ଟର ସଭାପତି ସ୍ୱରୂପ ପଣ୍ଡା, ସହ ଆବାହକ ଡ. ଗୋପାଳ ମହାପାତ୍ର, ଆବାହକ ଯାମିନୀ ନାଇଗାନ୍ଧୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ରାଜ୍ୟ ପାଠାଗାର ପରିଦର୍ଶନ କଲେ ସଂସ୍କୃତି ସଚିବ

ଭୁବନେଶ୍ୱର, ୮।୭(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନବନିଯୁକ୍ତ କମିଶନର ତଥା ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଗୁରୁବାର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିଦର୍ଶନ କରିଛନ୍ତି। ରାଜ୍ୟ ପାଠାଗାର ତଥା ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ ଦାସଙ୍କ ସହିତ ଗ୍ରନ୍ଥାଗାରରେ ପହଞ୍ଚି ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପାଠାଗାରରେ ପାଠକଙ୍କ ନିମନ୍ତେ ଅତ୍ୟାଧୁନିକ ଗବେଷଣା ଭିତ୍ତିଭୂମିର ବିକାଶ ସହିତ ବୈଷୟିକ ଜ୍ଞାନକୌଶଳ ପ୍ରବର୍ତ୍ତନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପାଠାଗାରର ବିଭିନ୍ନ ଶାଖା ଓ ପୁଷ୍ପ ଉଦ୍ୟାନ ବୁଲିଥିଲେ। ରାଜ୍ୟ ପାଠାଗାର ଅନୁସଚିବ ତଥା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା, ସହକାରୀ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଂଘମିତ୍ରା ସାହୁ, ରୁଦ୍ରପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ ଅଫିସ୍ ଆଗରେ ପିଲାଙ୍କୁ ଧରି ମହିଳାଙ୍କ ଧାରଣା

ବାଲିଅନ୍ତା,୮।୭(ଡି.ଏନ୍.ଏ.)

ଶ୍ୱଶୁରଘରର ଜମି ବାଡ଼ି ବିକ୍ରିକୁ ବନ୍ଦ କରିବା ଦାବି ନେଇ କାକରୁଦ୍ରପୁର ଅଞ୍ଚଳର ଜଣେ ମହିଳା ନିଜ ଝିଅପୁଅଙ୍କ ସହ ଗୁରୁବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଶ୍ୱଶୁରଙ୍କ ନାଁରେ ଥିବା ସମ୍ପତ୍ତି ସବୁ ୪ ପୁଅ ବିକ୍ରି କରି ଚାଲିଛନ୍ତି। ଏପରିକି ତାଙ୍କ ସ୍ୱାମୀ ମଧ୍ୟ କିଛି ନ ବୁଝି ଅନ୍ୟ ଭାଇଙ୍କ କଥାରେ ପଡ଼ି ଜମି ବିକ୍ରି କରୁଛନ୍ତି। ଫଳରେ ତାଙ୍କର ୧୦ବର୍ଷର ଝିଅ ଓ ୭ବର୍ଷର ପୁଅର ଭବିଷ୍ୟତ ଅନ୍ଧାର ହୋଇଯିବ। ଏହି ୨ ପିଲାର ଭବିଷ୍ୟତକୁ ଦୃଷ୍ଟିରେ ରଖି ବଳକା ଥିବା ଜମିକୁ ବିକ୍ରି ନ କରିବା ପାଇଁ ମଧ୍ୟ ସ୍ୱାମୀଙ୍କୁ କହିଥିଲେ। ହେଲେ ସ୍ୱାମୀ ନ ଶୁଣିବାରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏପରିକି ପୂର୍ବରୁ ବିକ୍ରି ହୋଇଥିବା ଜମିର କବଲାକୁ ରଦ୍ଦ କରିବା ପାଇଁ ସେ ଦାବି କରିଛନ୍ତି। ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ୨ ପିଲାଙ୍କୁ ଧରି ମହିଳା ଧାରଣାରେ ବସି ରହିଥିଲେ। ଖବରପାଇ ଘଟଣାସ୍ଥଳକୁ ତହସିଲଦାର ଓ ଅତିରିକ୍ତ ତହସିଲଦାର ଆସି ମହିଳାଙ୍କୁ ବୁଝାଶୁଝା କରିଥିଲେ। ପରେ ମହିଳା ଜଣଙ୍କ ଶ୍ୱଶୁରଙ୍କ ଥିବା ବଳକା ଜମିକୁ ବିକ୍ରି ନ କରିବା ପାଇଁ ସବରେଜିଷ୍ଟ୍ରରଙ୍କୁ ଏକ ଲିଖିତ ଆକାରରେ ଜଣାଇଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି ତହସିଲଦାର କହିବା ପରେ ମହିଳା ଜଣକ ଧାରଣାରୁ ହଟିଥିଲେ।

## ସୂଚନା ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼

ସାଲେପୁର, ୮।୭(ଡି.ଏନ୍.ଏ.)

**୩ ଦିନ ହେବ ଟିକାକରଣ ବନ୍ଦ**

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାରଠାରୁ କୋଭିଡ୍ ଟିକାକରଣ ବନ୍ଦ ରହିଛି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇନାହିଁ। ଫଳରେ ଡାକ୍ତରଖାନା ପରିସରରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଏଠାରେ ପୂର୍ବରୁ ପ୍ରଥମ ଡୋଜ ଟିକା ନେଇଥିବା ବହୁ ବ୍ୟକ୍ତିଙ୍କ ୮୪ ଦିନ ପୂରିଯାଇଥିଲେ ମଧ୍ୟ ୨ୟ ଡୋଜ୍ ନେଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## 'କଟକ ଜଳମଗ୍ନ ପାଇଁ ବିଧାୟକ ଦାୟୀ'

**ଶୀଘ୍ର ଜଳ ମୁକ୍ତ ହେବେ ସହରବାସୀ : ବିଧାୟକ**

କଟକ ଅଫିସ, ୮।୭

କଟକରେ ଗତ ୬ ତାରିଖ ସନ୍ଧ୍ୟାରେ ଦେଢଘଣ୍ଟା ଧରି ବର୍ଷା ହେବାରୁ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଏପରିକି ସହର ତଳି ଅଞ୍ଚଳର ଲୋକମାନେ ଘରେ ଜଳବନ୍ଦୀ ଅବସ୍ଥାରେ ରହିଥିଲେ। ତେବେ ସହରରେ ଉପୁଜିଥିବା ଏଭଳି ପରିସ୍ଥିତି ପାଇଁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କୁ ବିଜେଡି ଯୁବନେତା ଅରିନ୍ଦମ ରାୟ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଅରିନ୍ଦମ କହିଛନ୍ତି, ଗତ ୬ ତାରିଖରେ ବର୍ଷା ଯୋଗୁ ଯେଉଁଭଳି ପରିସ୍ଥିତି ଉପୁଜିଥିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସହରର ମୁଖ୍ୟ ସମସ୍ୟା। ଯଦି ଏତିକି ବର୍ଷାରେ ଏଭଳି ପରିସ୍ଥିତି ଉପୁଜିଛି ତେବେ ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହୋଇପାରେ। ଗତ ନିର୍ବାଚନ ସମୟରେ ମୋକିମ ସହରବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବାରେ ଅସଫଳ ରହିଛନ୍ତି। ଲୋକ ଦେଖାଣିଆ ପାଇଁ ନିଜ ସମର୍ଥକଙ୍କୁ ଧରି ଡ୍ରେନେଜ ବ୍ୟବସ୍ଥା ଉପରେ କଥା ହୋଇ ଫେସ୍‌ବୁକରେ ଫଟୋ ଛାଡିଲେ କୌଣସି ଲାଭ ନାହିଁ। ବିଧାୟକ କଟକକୁ ଜଳମୁକ୍ତ କରିବା ପାଇଁ କ'ଣ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିଛନ୍ତି, ତାହା ଲୋକଲୋଚନକୁ ଆଣନ୍ତୁ। ଯଦି କରିନାହାନ୍ତି ତେବେ ସ୍ୱୀକାର କରନ୍ତୁ ସେ ସହରବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ମୋକିମ କହିଛନ୍ତି, ଅରିନ୍ଦମ ବାବୁ ଆଣିଥିବା ଅଭିଯୋଗରୁ ପ୍ରମାଣିତ ହେଉଛି ସରକାର ସହରବାସୀଙ୍କ ପାଇଁ କିଛି କରୁନାହାନ୍ତି। ସହରକୁ ଜଳମୁକ୍ତ କରିବା ପାଇଁ ୪ଟି ମୁଖ୍ୟ କେନାଲର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଗୋଟିଏ କେନାଲର ନିର୍ମାଣ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ କୋଭିଡ୍ କାରଣରୁ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଅନ୍ୟ ତିନୋଟି କେନାଲର ଡିପିଆର୍ ରିପୋର୍ଟ ସରକାରଙ୍କୁ ପଠାଯାଇଛି। ସରକାର ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତେବେ ମୋର କାର୍ଯ୍ୟକାଳ ମଧ୍ୟରେ ସହର ସମ୍ପୂର୍ଣ୍ଣ ଜଳବନ୍ଦୀ ସ୍ଥିତିରୁ ମୁକ୍ତି ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ।

# ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ବିଲ୍ଡର ଗିରଫ

ଭୁବନେଶ୍ୱର,୮।୭(ବ୍ୟୁରୋ)



ପ୍ରିୟବ୍ରତ ମିଶ୍ର।

■ପ୍ରଥମ ସ୍ତ୍ରୀଙ୍କୁ ମାଡ଼ମାରି ଘରୁ ତଡ଼ିଦେଇଥିଲେ

■ଦ୍ୱିତୀୟ ସ୍ତ୍ରୀ ଆଣିଲେ ଯୌତୁକ ନିର୍ଯାତନା ଅଭିଯୋଗ

ଯୌତୁକ ସାମଗ୍ରୀ ହାତେଇବା ପରେ ପ୍ରଥମ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ତଡ଼ି ଦେଇଥିଲେ। ଏବେ ଦ୍ୱିତୀୟ ସ୍ତ୍ରୀ ଆଣିଛନ୍ତି ସମାନ ଅଭିଯୋଗ। ତାଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ସ୍ୱାମୀ ତଥା ବିଲ୍ଡର ସୂର୍ଯ୍ୟନଗରରେ ରହୁଥିବା ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ପ୍ରିୟବ୍ରତ ମିଶ୍ର (୨୮)ଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ମା'ବାପା କୋର୍ଟରୁ ଆଗୁଆ ଜାମିନ ପାଇଥିବା ପୋଲିସ କହିଛି। ପୋଲିସ କହିବାନୁଯାୟୀ, ପ୍ରିୟବ୍ରତ ୨୦୧୮ ଜୁଲାଇ ୧୫ରେ କଟକ ଜିଲା ନିଆଳି ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରଥମେ ବିବାହ କରିଥିଲେ। ଯୌତୁକ ବାବଦରେ ଗାଡ଼ି, ୭୦ ଭରି ସୁନା ଅଳଙ୍କାର ସହ ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯାଇଥିଲା। ବାହାଘରର ୭ ଦିନ ପରେ ତାଙ୍କୁ ନିର୍ଯାତନା ଦେବା ଅରମ୍ଭ କରିଥିଲେ ପ୍ରିୟବ୍ରତ। ପରବର୍ତ୍ତୀ ସମୟରେ ତାଙ୍କ ଗର୍ଭ ନଷ୍ଟ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଗୋଟିଏ ପୁଅ ଜନ୍ମ ହୋଇଥିଲା। ଏହାପରେ ପ୍ରିୟବ୍ରତଙ୍କ ସହ ମା ଓ ବାପା ନିର୍ଯାତନା ଦେଇ ତାଙ୍କୁ ଘରୁ ବିଦା କରିଦେଇଥିଲେ। ୨୦୨୧ ଫେବୃୟାରୀ ୯ରେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଞ୍ଚଳର ଅନ୍ୟଜଣେ ଯୁବତୀଙ୍କୁ ବିବାହ କରିଥିଲେ ପ୍ରିୟବ୍ରତ। ପ୍ରିୟବ୍ରତଙ୍କୁ ଜଣେ ଯୁବତୀ ଧୋକା ଦେଇଛନ୍ତି, ସେ ମାନସିକ ଚାପରେ ଅଛନ୍ତି, ତେଣୁ ବାହାରେ ବିବାହ କଲେ ବିପଦ ଥିବା କହି ଯୁବତୀଙ୍କୁ ଚୁପ୍‌ଚାପ୍ ଘର ଭିତରେ ବିବାହ କରାଇଥିଲେ ତାଙ୍କ ପରିବାର ଲୋକେ। ଏପରିକି ସେ ଯୌତୁକ ବାବଦକୁ ଆଣିଥିବା ସୁନାଗହଣା ସବୁ ଲକରରେ ରଖି ଦେଇଥିଲେ। ପ୍ରିୟବ୍ରତ ଦ୍ୱିତୀୟ ବିବାହ କରିଥିବା ଜାଣିବା ପରେ ପ୍ରଥମ ସ୍ତ୍ରୀ ପହଞ୍ଚି ବିରୋଧ କରିବା ସହ ପାଟିତୁଣ୍ଡ କରିଥିଲେ। ଏପଟେ ବାହାଘରର କିଛିଦିନ ପରେ ଦ୍ୱିତୀୟ ସ୍ତ୍ରୀଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଆଉ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ତାଙ୍କୁ ଘରୁ ବିଦା କରିଦେଇଥିଲେ। ଫଳରେ ସେ ଏପ୍ରିଲ ୧୭ରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୫୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ସମସ୍ତ ଅଭିଯୋଗକୁ ପ୍ରିୟବ୍ରତ ମିଶ୍ର ଖଣ୍ଡନ କରିଛନ୍ତି।

## ପୂର୍ବତନ ସରପଞ୍ଚ ଦିବାକର ଜେନାଙ୍କ ବିୟୋଗ

କୋଣାର୍କ/କାକଟପୁର,(ଡି.ଏନ୍.ଏ.): କୋଣାର୍କ ଥାନା ତଥା କାକଟପୁର ବ୍ଲକ ଅଧୀନ କୁରୁଜଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କାଦୁଆନୂଆଗାଁ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଦିବାକର ଜେନାଙ୍କ ପରଲୋକ ହୋଇଛି। ତାଙ୍କ ଶରୀର ଅସୁସ୍ଥତା ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହକୁ କାଦୁଆନୂଆଗାଁ ପଞ୍ଚାୟତ ପରିକ୍ରମା କରିସହ ଧନିତ୍ରୀ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ କୃଷ୍ଣ ଚନ୍ଦ୍ର ଜେନା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ରବୀନ୍ଦ୍ର ମଲ୍ଲିକ, ଭାଗୀରଥୀ ସ୍ୱାଇଁ, କାଦୁଆନୂଆଗାଁ ସରପଞ୍ଚ ସୁଷମା ଦେଇ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ସଂକ୍ଷେପରେ

## ଖୋର୍ଦ୍ଧା ଉପଜିଲାପାଳ ହେଲେ ଆଇ.ଜି. ଶିବାଜୀ

**ଖୋର୍ଦ୍ଧା ଅଫିସ,୮।୭ :** ଖୋର୍ଦ୍ଧା ଉପଖଣ୍ଡର ନୂତନ ଉପଜିଲାପାଳ ଭାବେ ଆଇଏଏସ ଅଫିସର ଆଇ.ଜି. ଶିବାଜୀ ଯୋଗ



ଦେଇଛନ୍ତି। ସେ ପୂର୍ବତନ ଉପଜିଲାପାଳ ଅଶୋକ ବେହୁରିଆଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହିତ ଶିବାଜୀ ଖୋର୍ଦ୍ଧା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଗୁରୁବାର ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଉଭୟ ବିଭାଗ ଉନ୍ନୟନ ଯୋଜନାର ସମୀକ୍ଷା କରିଛନ୍ତି। କୋଭିଡ ସ୍ଥିତି ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତ ଉନ୍ନୟନ ଯୋଜନା ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି। ଭାରତୀୟ ପ୍ରଶାସନିକ ସେବାର ୨୦୧୯ ବ୍ୟାଚର ଶିବାଜୀଙ୍କ ଖୋର୍ଦ୍ଧାରେ ଏହା ପ୍ରଥମ ପୋଷ୍ଟିଂ। ଏଠାରେ ପୂର୍ବରୁ ଥିବା ଉପଜିଲାପାଳ ଅଶୋକ ବେହୁରିଆ ପଦୋନ୍ନତି ପାଇ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛନ୍ତି। ଶିବାଜୀଙ୍କୁ ସମସ୍ତ ବିଭାଗୀୟ ଅଧିକାରୀ ଶୁଭେଚ୍ଛା ଜଣାଇବା ସହ ବେହୁରିଆଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ।

## ୧୩ ଗୋରୁ ଉଦ୍ଧାର, ୫ ଗିରଫ

**ଜଟଣୀ,୮।୭(ଡି.ଏନ୍.ଏ.):** ଗୋରୁ ଚାଲାଣ କରିବା ଅଭିଯୋଗରେ ଜଟଣୀ ପୋଲିସ ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ଅଣ୍ଡାହରିପୁର ଅଞ୍ଚଳର ଅବଦୁଲ କରିମ, ଲାଲା ମହମ୍ମଦ, ଅମିର ଖାନ୍, ଜିଆଉଲ୍ଲ ହୁକ୍ ଖାନ୍ ଓ ଜୁଲଫୁକର ଖାନ୍। ସେମାନଙ୍କଠାରୁ ୯ ଗାଈ, ୪ ବଳଦ ଉଦ୍ଧାର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୨୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଜଟଣୀ ହିନ୍ଦୁ ଜାଗରଣ ମଞ୍ଚର ସଦସ୍ୟମାନେ ସ୍ଥାନୀୟ ପୋଡ଼ପଡ଼ା ଜଙ୍ଗଲରେ ଗୋରୁ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇଥିଲେ। ସେଠାକୁ ଯିବାବେଳେ ଜଙ୍ଗଲରେ କେତେଜଣ ଲୋକ ଗାଈମାନଙ୍କୁ ଚଲାଇ ନେଉଥିବାର ଦେଖି ଅଟକାଇ ପଚାରିଥିଲେ। ସେମାନେ ଠିକ୍ ଭାବେ ଉତ୍ତର ନ ଦେଇ ଖସିଯିବାକୁ ଉଦ୍ୟମ କରିବାବେଳେ ସଂଗଠନର ସଦସ୍ୟମାନେ ଧରିନେଇ ପୁଣି ପଚାରିବାରୁ ଚାଲାଣ କରୁଥିବା କଥା ମାନିଥିଲେ। ସଂଗଠନ ସଦସ୍ୟମାନେ ୧୩ ଗୋରୁ ସହ ୫ଜଣଙ୍କୁ ଜଟଣୀ ଥାନାରେ ଜିମା ଦେଇ ଲିଖିତ ଅଭିଯୋଗ କରିଥିଲେ।

## ଆଶୀର୍ବାଦ ଯୋଜନା ସମ୍ପର୍କିତ ଆଭାସି ବୈଠକ

**ଖୋର୍ଦ୍ଧା ଅଫିସ,୮।୭:** ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଆଶୀର୍ବାଦ ଯୋଜନା ସମ୍ପର୍କିତ ଆଭାସି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ସରପଞ୍ଚ ଏବଂ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ୨୦୨୦ ଏପ୍ରିଲ ୧ତାରିଖ ପରଠୁ ଉଭୟ ପିତା ଓ ମାତା ହରାଇଥିବା ପିଲାମାନଙ୍କୁ ୨୫୦୦ଟଙ୍କା ଏବଂ ଏକକ ଅଭିଭାବକ ହରାଇଥିବା ଶିଶୁଙ୍କୁ ମାସକୁ ୧୫୦୦ ଟଙ୍କା ସହାୟତା ରାଶି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନରେ ଯଦି ରହୁଥିବ, ତେବେ ସେମାନଙ୍କୁ ୧୦୦୦ ଟଙ୍କା ମାସିକ ମିଳିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ଚିକିତ୍ସା ସୁବିଧା, ଉଚ୍ଚ ଶିକ୍ଷା ପାଇଁ ପିଲାଙ୍କୁ ରାଜ୍ୟ ସରକାରଙ୍କ 'ଗ୍ରୀନ ପ୍ୟାକେଜ' ଯୋଜନାରେ ସହଯୋଗ ତଥା ଜାତୀୟ ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ସରପଞ୍ଚମାନେ ନିଜ ପଞ୍ଚାୟତ ଓ ଗାଁରେ ଏହିଭଳି ଶିଶୁମାନଙ୍କୁ ଚିହ୍ନଟ କରି ବିଡିଓ, ସିଡିପିଓ ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ।



କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ଡାକ୍ତର ସୁଶାନ୍ତ ପଣ୍ଡାଙ୍କ ସ୍ମୃତିରେ ପୁରୀ ଆଇଡିଏଚ୍ ହସ୍ପିଟାଲ ପରିସରରେ ରୋଟାରି କ୍ଲବ ପକ୍ଷରୁ ଗୁରୁବାର ଚାରା ରୋପଣ କରାଯାଉଛି।

# ମା'ବାପାଙ୍କୁ ହରାଇବା ପରେ ମଉଳିଛି ସ୍ୱପ୍ନ

**ଖୋର୍ଦ୍ଧା ଅଫିସ, ୮।୭**

- ପାଠପଢ଼ାରେ ଡୋରି ବାନ୍ଧିଛନ୍ତି ପୂଜା
- ଜେଜେମା' ଏବେ ସାହା ଭରସା
- ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ବର୍ଷକ ମଧ୍ୟରେ ମା' ବାପାଙ୍କୁ ହରାଇ ପାଠପଢାରେ ଡୋରି ବାନ୍ଧିବା ସହ ଜେଜେମା'ଙ୍କ ପାଖରେ ଆଶ୍ରୟ ନେଇଛନ୍ତି ୮ବର୍ଷର ପୂଜା ନାୟକ। ଆଖିରୁ ତାଙ୍କର ଲୁହ ଶୁଖୁନାହିଁ। ଏବେ ଜେଜେମା' କନକ ହିଁ ତାଙ୍କର ସାହା ଭରସା। କନକଙ୍କ ଏକମାତ୍ର ପୁଅ ରତ୍ନାକର ୯ମାସ ତଳେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ଏହି ଦୁଃଖରୁ ତାଙ୍କ ପରିବାର ମୁକୁଳି ନ ଥିବାବେଳେ ୪ମାସ ପରେ ବୋହୂ ଯକ୍ଷ୍ମା ରୋଗରେ ଚାଲିଗଲେ। ବୋଝ ଉପରେ ନଳିତା ବିଡ଼ା ସଦୃଶ କନକଙ୍କ ପରିବାର ଉପରେ ଦଇବ ଦାଉ ସାଧିଲା। ରୋଜଗାରିଆ ପୁଅକୁ ହରାଇ କନକ ଏବେ ବେସାହାରା ପାଲଟି ଯାଇଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଭଲ ଘରଟିଏ ନାହିଁ। ଏଭଳି ସ୍ଥିତିରେ କୁନି ନାତୁଣୀକୁ ନେଇ ସେ ଦୁଃଖକଷ୍ଟରେ ଜୀବିକା ନିର୍ବାହ କରୁଛନ୍ତି।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖାରିଡାପଲ୍ଲୀ ଗ୍ରାମରେ ଭଙ୍ଗା ଚାଳଛପର ଘରେ ଜେଜେ ମା' ଓ ନାତୁଣୀ ରହୁଛନ୍ତି।



କନକଙ୍କୁ ବୟସ ୬୫ ଛୁଇଁଲାଣି। ତଥାପି ଦୁଇ ପ୍ରାଣୀଙ୍କ ପ୍ରତିପୋଷଣ ଲାଗି ସେ ମୂଲ ଲାଗୁଛନ୍ତି। କିଛି ରୋଜଗାର ନ ହେଲେ ଭୋକ ଉପାସରେ ଦିନ କାଟୁଛନ୍ତି। ପୂଜାଙ୍କର ପାଠପଢା ପ୍ରତି ଆଗ୍ରହ ରହିଛି। ତେବେ ଅର୍ଥାଭାବ ଯୋଗୁ ପାଠ ପଢିବା ତ ଦୂରର କଥା, ଭଲ ମୁଠାଏ ଖାଇପାରୁନାହାନ୍ତି କି ଭଲ ପୋଷାକଟିଏ ପିନ୍ଧିପାରୁନାହାନ୍ତି। ତାଙ୍କରି ବୟସର ପିଲାଙ୍କୁ ବିଦ୍ୟାଳୟ ଯାଉଥିବାର ଦେଖିଲେ ମନକୁ ଉଦାସ କରି ବସୁଛନ୍ତି। ପାଠ ପଢି ଚାକିରି କରି ଜେଜେମା'ଙ୍କ ଦୁଃଖ ଦୂର କରିବାର ସ୍ୱପ୍ନ ଦେଖୁଥିଲେ ବି ତାହା ସାକାର ହୋଇପାରୁନାହିଁ। କନକ କହିଛନ୍ତି, ସରକାରୀ ସହାୟତା ଭାବେ କେବଳ ୫କେଜି ଚାଉଳ ମିଳୁଛି। ଅଧିକ କିଛି ସହାୟତା ମିଳିଲେ ସେ ନାତୁଣୀଙ୍କୁ ବିଦ୍ୟାଳୟକୁ ପଠାନ୍ତେ। ସେହିପରି ଏବେ ବର୍ଷାଦିନ ଚାଲିଛି। ଅସରାଏ ବର୍ଷା ହେଲେ ଘରସାରା ଓଦା ହୋଇଯାଉଛି। ଉଭୟଙ୍କୁ ହଇରାଣ ହେବାକୁ ପଡୁଛି। ଅନ୍ୟପକ୍ଷରେ ଏ ନେଇ ବିଡିଓ ଧୋବେଇ ନାୟକ କହିଛନ୍ତି, ଆଶୀର୍ବାଦ ଯୋଜନାରେ ତାଙ୍କୁ ଥଇଥାନ କରାଯିବ। ଆବାସ ଯୋଜନାରେ ଘର ଯୋଗାଇ ଦେବା ଲାଗି ବ୍ୟବସ୍ଥା କରାଯିବ।

### ପ୍ରହସନ ପାଲଟିଛି ଆଶୀର୍ବାଦ ଯୋଜନା

କରୋନା ସମୟରେ ମା' ବାପାଙ୍କୁ ହରାଇଥିବା ଅନାଥ ଶିଶୁଙ୍କୁ ଉପଯୁକ୍ତ ଥଇଥାନ, ଶିକ୍ଷାଦାନ ବ୍ୟବସ୍ଥା ଲାଗି ରାଜ୍ୟ ସରକାର ନିକଟରେ ଆଶୀର୍ବାଦ ଯୋଜନା ଆରମ୍ଭ କରିଛନ୍ତି। ଅନାଥ ଶିଶୁଙ୍କ ତାଲିକା ପ୍ରସ୍ତୁତ କରି ତୁରନ୍ତ ସହାୟତା ଯୋଗାଇ ଦେବା ଲାଗି ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ ଖୋର୍ଦ୍ଧା ଜିଲାରେ ଏହି ଯୋଜନା ପ୍ରହସନ ପାଲଟିଛି। କିଛିଦିନ ତଳେ ଜିଲାପାଳ ସନତ ମହାନ୍ତି ଜୁନ ୩୦ ସୁଦ୍ଧା ଅନାଥ ଶିଶୁଙ୍କ ତାଲିକା ପ୍ରସ୍ତୁତି ଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ବ୍ଲକରେ ଏହି ଯୋଜନାର ରୂପରେଖ ପ୍ରସ୍ତୁତ ହୋଇ ନ ଥିବା ଜଣାପଡ଼ିଛି। ପୂଜାଙ୍କ କ୍ଷେତ୍ରରୁ ଏହା ସ୍ପଷ୍ଟ ହେଉଛି।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥକନାକୁ ଦରଜୀ ସେବକମାନେ ତିଆରି କରୁଛନ୍ତି।

## ଘର ଆଗରେ ବୁଲୁଛନ୍ତି ଅଚିହ୍ନା ଲୋକ

**ବର୍ଷା-ଅନୁଭବ ବିବାଦ ପ୍ରସଙ୍ଗ**

**କଟକ ଅଫିସ, ୮।୭**

ପାରିବାରିକ ବିବାଦ ମାମଲାରେ କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଗୁରୁବାର କଟକ ପୁରୀଘାଟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ତାଙ୍କ ବିରୋଧରେ ଷଡଯନ୍ତ୍ର କରିବା ସହ ଘର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। କିଛିଦିନ ହେଲା ତାଙ୍କ ଘର ଆଗରେ କେତେଜଣ ଅଚିହ୍ନା ଲୋକ ହେଲ୍‌ମେଟ୍ ପିନ୍ଧି ବୁଲୁଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ତାଙ୍କ ପରିବାର ଲୋକଙ୍କ ପ୍ରତି ବିପଦ ରହିଛି। ସେହିପରି ସିସିଟିଭି ଫୁଟେଜକୁ ଆଧାର କରି ଅନୁଭବ କହିଛନ୍ତି, ତାଙ୍କ ଘରର ଅନେକ ନକଲି ଚାବି ପ୍ରସ୍ତୁତ ହୋଇଛି। ଫଳରେ ତାଙ୍କ ଘରୁ ବହୁ ମୂଲ୍ୟବାନ ଜିନିଷ ଚୋରି ହେବାର ସମ୍ଭାବନା ରହିଛି। ଏ ନେଇ ପୁରୀଘାଟ ଥାନାଧିକାରୀ ଦାୟିତ୍ୱରେ ଥିବା ତେରୋସ୍କୋଭା ମହାପାତ୍ର କହିଛନ୍ତି, ଅନୁଭବଙ୍କ ଘରର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବା ସହ ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, କିଛି ମାସ ଧରି ବର୍ଷା ଓ ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଛି। ଏ ନେଇ ପୂର୍ବରୁ ଅନେକ ଥର ପୁରୀଘାଟ ଥାନାରେ ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ କୋର୍ଟରେ ଏହି ମାମଲାର ବିଚାର ଜାରି ରହିଛି।

# ଲକ୍ଷାଧିକ ଟଙ୍କାର ଔଷଧ ଜବତ, ଦୋକାନ ସିଲ୍

**ଖୋର୍ଦ୍ଧା ଅଫିସ,୮।୭**

- ବିନା ଲାଇସେନ୍ସରେ ଚାଲିଥିଲା
- କ୍ୱାଲିଟି ଟେଷ୍ଟିଂ ପାଇଁ ଗଲା ସାମ୍ପୁଲ

ଖୋର୍ଦ୍ଧାରେ ବିନା ଲାଇସେନ୍ସରେ ଔଷଧ ଦୋକାନ ଚାଲିଥିବା ଅଭିଯୋଗ ହେବା ପରେ ଗୁରୁବାର ଖୋର୍ଦ୍ଧା ଡ୍ରଗସ୍ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଏକ ୩ଜଣିଆ ଟିମ୍ ସିଡିଏମ୍ଓ ଅଫିସ ନିକଟରେ ଥିବା ଏକ ଔଷଧ ଦୋକାନରେ ଚଢ଼ାଉ କରି ସିଲ୍ କରିଛନ୍ତି। ସେଠାରୁ ଲକ୍ଷାଧିକ ଟଙ୍କାର ଔଷଧ ଜବତ କରିବା ସହ କ୍ୱାଲିଟି ଟେଷ୍ଟିଂ ପାଇଁ ସାମ୍ପୁଲ ସଂଗ୍ରହ କରିଛନ୍ତି। ଔଷଧ ଦୋକାନ ଚଢ଼ାଉ ସମୟରେ ସେଠାରେ ଥିବା ଦୋକାନୀଙ୍କ ସମ୍ପର୍କୀୟ ଭାଇ ସନ୍ତୋଷ ଷଡ଼ଙ୍ଗୀଙ୍କ ନାମରେ ଏସ୍‌ଡିଜେଏମ୍ କୋର୍ଟରେ ମାମଲା ରୁଜୁ କରାଯାଇଛି। ବିନା ଲାଇସେନ୍ସ ଏବଂ ଫାର୍ମାସିଷ୍ଟଙ୍କ ଉପସ୍ଥିତିରେ ୩୭ପ୍ରକାର ଔଷଧ ବିକ୍ରି କରାଯାଉଥିବା ଚଢଉ ବେଳେ ଧରାପଡିଛି ବୋଲି ଖୋର୍ଦ୍ଧା ଡ୍ରଗସ୍ ଇନ୍ସପେକ୍ଟର ତୁଷାର ରଞ୍ଜନ ପାଣିଗ୍ରାହୀ କହିଛନ୍ତି। ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, କେଉଁ ସଂସ୍ଥା ଔଷଧ ଯୋଗାଉଥିଲା ସେସବୁର ଖୋଳତାଡ଼ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଗତ କିଛି ବର୍ଷ ଧରି ସିଡିଏମ୍ଓଙ୍କ ଅଫିସ ନିକଟରେ ବିନା ଲାଇସେନ୍ସରେ ଔଷଧ ଦୋକାନ ଚାଲିଥିଲା। ଖବରପାଇ ଖୋର୍ଦ୍ଧାର ଡ୍ରଗ୍ସ ଇନ୍ସପେକ୍ଟର ପାଣିଗ୍ରାହୀଙ୍କ ସମେତ ଭୁବନେଶ୍ୱର-୧ର ପ୍ରବେଶ ଲେଙ୍କା ଏବଂ ଭୁବନେଶ୍ୱର-୨ର ଡା. ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଗ୍ରାହକ ବେଶରେ ଚଢ଼ାଉ କରିଥିଲେ। ଦୋକାନ ଲାଇସେନ୍ସ କଥା ପଚାରିବାରୁ ସେଠାରେ ଥିବା ସମ୍ପର୍କୀୟ ଭାଇ ଦେଖାଇ ପାରି ନ ଥିଲେ। ଫଳରେ ଦୋକାନକୁ ସିଲ୍ କରିବା ସହ ଲକ୍ଷାଧିକ ଟଙ୍କାର ଔଷଧ ଜବତ କରାଯାଇଛି। ଏଭଳି ଖୋର୍ଦ୍ଧାରେ ଅନେକ ବେଆଇନ ଔଷଧ ଦୋକାନ ଚାଲିଥିବାବେଳେ ଯାଞ୍ଚ କରି ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି।

## ଭାଜପାର ଧାରଣା

**ଟାଙ୍ଗୀ (ଖୋର୍ଦ୍ଧା),୮।୭(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ଦୁର୍ନୀତି ହୋଇଥିବା ନେଇ ଗୁରୁବାର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଭାଜପା ତରଫରୁ ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରଞ୍ଜନ ମଙ୍ଗରାଜ, ରଞ୍ଜନ କିଶୋର ପଟ୍ଟନାୟକ, କେଳୁଚରଣ ଜଗଦେବ, ରଘୁନାଥ ସାହୁ, ପୂର୍ଣ୍ଣଚନ୍ଦ୍ର କଳସ, ବିପିନ ପାଲଟାସିଂହ, ଚୁନି ଛୋଟରାୟ, ମାଳତି ପଲେଇ ପ୍ରମୁଖ ସାମିଲ ଥିଲେ।

# ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ବିଲ୍ଡର ଗିରଫ

**ଭୁବନେଶ୍ୱର,୮।୭(ବ୍ୟୁରୋ)**

- ପ୍ରଥମ ସ୍ତ୍ରୀଙ୍କୁ ମାଡ଼ମାରି ଘରୁ ତଡ଼ିଥିଲେ
- ଦ୍ୱିତୀୟ ସ୍ତ୍ରୀ ଆଣିଲେ ଯୌତୁକ ନିର୍ଯାତନା ଅଭିଯୋଗ

ଯୌତୁକ ସାମଗ୍ରୀ ହାତେଇବା ପରେ ପ୍ରଥମ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ତଡ଼ି ଦେଇଥିଲେ। ଏବେ ଦ୍ୱିତୀୟ ସ୍ତ୍ରୀ ଆଣିଛନ୍ତି ସମାନ ଅଭିଯୋଗ। ତାଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ସ୍ୱାମୀ ତଥା ବିଲ୍ଡର ସୂର୍ଯ୍ୟନଗରରେ ରହୁଥିବା ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ପ୍ରିୟବ୍ରତ ମିଶ୍ର (୨୮)ଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ମା'ବାପା କୋର୍ଟରୁ ଆଗୁଆ ଜାମିନ ପାଇଥିବା ପୋଲିସ କହିଛି।

ପୋଲିସ କହିବାନୁଯାୟୀ, ପ୍ରିୟବ୍ରତ ୨୦୧୮ ଜୁଲାଇ ୧୫ରେ କଟକ ଜିଲା ନିଆଳି ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରଥମେ ବିବାହ କରିଥିଲେ। ଯୌତୁକ ବାବଦରେ ଗାଡ଼ି, ୭୦ ଭରି ସୁନା ଅଳଙ୍କାର ସହ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯାଇଥିଲା। ବାହାଘରର ୭ ଦିନ ପରେ ତାଙ୍କୁ ନିର୍ଯାତନା ଦେବା ଅରମ୍ଭ କରିଥିଲେ ପ୍ରିୟବ୍ରତ। ପରବର୍ତ୍ତୀ ସମୟରେ ତାଙ୍କ ଗର୍ଭ ନଷ୍ଟ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଗୋଟିଏ ପୁଅ ଜନ୍ମ ହୋଇଥିଲା। ଏହାପରେ ପ୍ରିୟବ୍ରତଙ୍କ ସହ ମା ଓ ବାପା ନିର୍ଯାତନା ଦେଇ ତାଙ୍କୁ ଘରୁ ବିଦା କରିଦେଇଥିଲେ। ୨୦୨୧ ଫେବୃୟାରୀ ୯ରେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଞ୍ଚଳର ଅନ୍ୟଜଣେ ଯୁବତୀଙ୍କୁ ବିବାହ କରିଥିଲେ ପ୍ରିୟବ୍ରତ। ପ୍ରିୟବ୍ରତଙ୍କୁ ଜଣେ ଯୁବତୀ ଧୋକା ଦେଇଛନ୍ତି, ସେ ମାନସିକ ଚାପରେ ଅଛନ୍ତି, ତେଣୁ ବାହାରେ ବିବାହ କଲେ ବିପଦ ଥିବା କହି ଯୁବତୀଙ୍କୁ ଚୁପ୍‌ଚାପ୍ ଘର ଭିତରେ ବିବାହ କରାଇଥିଲେ ତାଙ୍କ ପରିବାର ଲୋକେ। ଏପରିକି ସେ ଯୌତୁକ ବାବଦକୁ ଆଣିଥିବା ସୁନାଗହଣା ସବୁ ଲକରରେ ରଖି ଦେଇଥିଲେ। ପ୍ରିୟବ୍ରତ ଦ୍ୱିତୀୟ ବିବାହ କରିଥିବା ଜାଣିବା ପରେ ପ୍ରଥମ ସ୍ତ୍ରୀ ପହଞ୍ଚି ବିରୋଧ କରିବା ସହ ପାଟିତୁଣ୍ଡ କରିଥିଲେ। ଏପଟେ ବାହାଘରର କିଛିଦିନ ପରେ ଦ୍ୱିତୀୟ ସ୍ତ୍ରୀଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଆଉ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ତାଙ୍କୁ ଘରୁ ବିଦା କରିଦେଇଥିଲେ। ଫଳରେ ସେ ଏପ୍ରିଲ ୧୭ରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୫୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ସମସ୍ତ ଅଭିଯୋଗକୁ ପ୍ରିୟବ୍ରତ ମିଶ୍ର ଖଣ୍ଡନ କରିଛନ୍ତି।

## ଶିକ୍ଷା ଉତ୍କର୍ଷରେ ସେଞ୍ଚୁରିଆନ୍ ସମ୍ମାନିତ

**ଜଟଣୀ,୮।୭(ଡି.ଏନ୍.ଏ.)**

ଜି ଓଡ଼ିଶା ମିଡିଆ ପକ୍ଷରୁ ଶିକ୍ଷା ଉତ୍କର୍ଷ-୨୦୨୧ ଆୟୋଜିତ ହୋଇଯାଇଛି। କରୋନା ସମୟରେ ଜଟଣୀସ୍ଥ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଶିକ୍ଷାର ଉନ୍ନତି ଏବଂ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାରେ ବ୍ୟାଘାତ ନ ହେବା ପାଇଁ ଶିକ୍ଷାଦାନ ସେବା ଜାରି ରଖିଥିଲା। ତେଣୁ ଜି ଓଡିଶା ପକ୍ଷରୁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟକୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ଏହାର ଉପଯୋଗ କରି ଅନେକ ସୁଫଳ ପାଇପାରିବେ ବୋଲି କୁଳପତି ସୁପ୍ରିୟା ପଟ୍ଟନାୟକ କ୍ୟାରିୟର କାଉସେଲିଂର ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି। ବିଶ୍ୱବିଦ୍ୟାଳୟର ଏଭଳି କାର୍ଯ୍ୟକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ପ୍ରଶଂସା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁବେଶ



@ ବିଶାଳ



@ ବିଶ୍ୱ



@ ରୁବି



@ ତପନ



@ ପ୍ରସାଦ

## ଆଜି ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ନବଯୌବନ ଦର୍ଶନ

**ଖୋର୍ଦ୍ଧା ଅଫିସ, ୮।୭**

ସ୍ନାନପୂର୍ଣ୍ଣିମାଠାରୁ ଅଣସରରେ ଥିବା ଶ୍ରୀ ଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣ ବିଗ୍ରହ)ଙ୍କ ଖଳିଲାଗି ନୀତି ବିଧି ପରମ୍ପରା ଅନୁଯାୟୀ ଗୁରୁବାର ସମ୍ପନ୍ନ ହୋଇଛି। ଗୁରୁବାର ଠାକୁରମାନଙ୍କ ବନକ ଲାଗି କରାଯାଇଛି। ଶୁକ୍ରବାର ନବଯୌବନ ଦର୍ଶନ। ସମସ୍ତ ନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ରତ୍ନବେଦିକୁ ବିଜେ କରିବେ। ସାଢେ ୧୦ଟା ସୁଦ୍ଧା ରତ୍ନବେଦି ବିଜେ ପରେ ୧୧ଟାରେ ନେତ୍ରୋତ୍ସବ ନୀତି ହେବ ବୋଲି ମନ୍ଦିରର ମୁଖ୍ୟ ପୂଜକ ମହନ୍ତ କମଳାକାନ୍ତ ମହାରାଜ କହିଛନ୍ତି। ଦେବସ୍ନାନ ପୂର୍ଣ୍ଣମୀରେ ୧୦୮ ଗଡୁ ଜଳରେ ମହାସ୍ନାନ ପରେ ଶ୍ରୀଅନନ୍ତ ପୁରୁଷୋତ୍ତମଦେବ (ଶ୍ରୀଜଗନ୍ନାଥ) ଜ୍ୱରରେ ପୀଡିତ ହୋଇଥିଲେ। ଅଣସର ପିଣ୍ଡିରେ ୧୪ଦିନ ଧରି ତାଙ୍କର ଗୁପ୍ତ ସେବା ଚାଲିଥିଲା। ଦଶମୀରେ ଦଶମୂଳାରିଷ୍ଟ ସେବନ ପରେ ଶ୍ରୀଜୀଉମାନେ ସୁସ୍ଥ ହୋଇଛନ୍ତି। ମହାପ୍ରଭୁଙ୍କ ସୁସ୍ଥତା ନେଇ ସେବାୟତମାନେ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଛନ୍ତି। କୋଭିଡ କଟକଣା ଯୋଗୁ ବିନା ଭକ୍ତରେ କେବଳ ନୀତିକାନ୍ତି କରାଯିବ।

# ଧାନଖଳା ନିର୍ମାଣକୁ ନେଇ ହୋହଲ୍ଲା

**କଣାସ,୮।୭(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟସରକାର ପ୍ରତ୍ୟେକ ପଞ୍ଚାୟତରେ ଚାଷୀମାନେ କିପରି ନିଜର ଫସଲ ସହଜରେ ଅମଳ କରିପାରିବେ ସେଥିପାଇଁ ଧାନଖଳାମାନ ନିର୍ମାଣ କରୁଛନ୍ତି। ହେଲେ କଣାସ ବ୍ଲକ ସାହାସପୁର ଗ୍ରାମରେ ଧାନଖଳା ନିର୍ମାଣକୁ ନେଇ ଦୁଇପକ୍ଷ ମଧ୍ୟରେ ହାତାହାତି ହେବା ସହ ହୋହଲ୍ଲା କରୁଛନ୍ତି। ଫଳରେ ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଖବର ଅନୁଯାୟୀ, ଧାନଖଳା ନିର୍ମାଣ ପାଇଁ ରାଜ୍ୟ ସରକାର ୬ଲକ୍ଷ ୩୨ହଜାର ଟଙ୍କା ମଞ୍ଜୁର କରିଥିବା ବେଳେ ସାହାସପୁର ଗ୍ରାମର କେତେଜଣ ବ୍ୟକ୍ତି ଧାନଖଳାଟି ଗ୍ରାମର ଗୋଟିଏ ପାର୍ଶ୍ୱରେ ନିର୍ମାଣ କରିବାପାଇଁ କହୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଅପରପାର୍ଶ୍ୱରେ ଧାନଖଳା ନିର୍ମାଣ କରିବା ପାଇଁ ଜିଦ୍ କରୁଛନ୍ତି। ଧାନଖଳା ନିର୍ମାଣକୁ ନେଇ ବିବାଦ ଉପୁଜିବାରୁ ବିଡିଓ ଲୋଚନ ଦାସ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣୀ ଖଟେଇ, କନିଷ୍ଠ ଯନ୍ତ୍ରୀ ବାଳକୃଷ୍ଣ ଜେନା ଘଟଣାସ୍ଥଳକୁ ଯାଇ ତଦାରଖ କରିବାପରେ ଗ୍ରାମର ଅଧିକାଂଶ ଲୋକ ଯେଉଁ ସ୍ଥାନରେ ଧାନଖଳା ନିର୍ମାଣ କରିବା ପାଇଁ କହୁଛନ୍ତି, ସେଠାରେ ଧାନଖଳା ନିର୍ମାଣ କରାଯିବ। ଏ ନେଇ ୧୨ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଏଷ୍ଟିମେଟ ହେବାପରେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ଜଣାଇଦିଆଗଲା। ଅଧିକା ଖର୍ଚ୍ଚ ପାଇଁ ସ୍ଥାନୀୟ ସରପଞ୍ଚ ୨ଲକ୍ଷ ଟଙ୍କା ଓ ବିଧାୟକ ୪ଲକ୍ଷ ଟଙ୍କା ଦେବାର ସମ୍ମତି ଜଣାଇବା ପରେ ଧାନାଖଳା ନିର୍ମାଣ କାର୍ଯ୍ୟ ଚାଲିଛି।

ତେବେ ଏ ନେଇ ଅନ୍ୟ ଗୋଷ୍ଠୀର ଲୋକେ ନିମ୍ନମାନର କାର୍ଯ୍ୟ କରାଯାଉଛି ବୋଲି ଜିଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିବାରୁ ବିଡିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ କାମର ମାନ ପରୀକ୍ଷା କରିଛନ୍ତି। ଏ ନେଇ ବିଡିଓ ଦାସ କହିଛନ୍ତି, ଧାନଖଳା କାମ ଜେଇ ବାଳକୃଷ୍ଣ ଜେନାଙ୍କ ନାମରେ ଦିଆଯାଇଛି। ସେହି ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ଧରି ନିଜେ ରହି କାମ ଦେଖୁଛନ୍ତି ବୋଲି କହିଛନ୍ତି। ସେହିଭଳି ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣୀ ଖଟେଇ ଏଷ୍ଟିମେଟ ଅନୁଯାୟୀ ଠିକ୍ କାମ ଚାଲିଛି। ମିଛରେ ମିଥ୍ୟା ଅଭିଯୋଗମାନ ହେଉଥିବା କହିଥିବାବେଳେ ନଂ-୩ ଜୋନ୍ ଜିଲା ପରିଷଦ ସଭ୍ୟ ନୀଳାମଣି ବେହେରା କହିଛନ୍ତି, କେତେଜଣ ବ୍ୟକ୍ତି କାର୍ଯ୍ୟକୁ ସହି ନ ପାରି ମିଛରେ ଅପବାଦ ଦେଉଛନ୍ତି।